# NATIONAL NEWS BULLETIN (ODIA)

**26 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭୂ-ଖନନ କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ଲାଗି ସଠିକ୍ ଭାବରେ ନିୟମ ପାଳନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ।

- ବିହାରରେ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।

- ଦୀର୍ଘ ୬ ଦଶନ୍ଧି ଧରି ଦେଶର ସେବାରେ ନିୟୋଜିତ ମିଗ୍-୨୧ ବିମାନକୁ ବିଦାୟ ଦେଲା ଭାରତୀୟ ବାୟୁସେନା ।

- ପୋଷ୍ଟାଲ ବାଲାଟ ଗଣନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କଲେ ନିର୍ବାଚନ ଆୟୋଗ ।

ଏବଂ

- ଏସିଆକପ୍ ଟି-ଟ୍ୱେଣ୍ଟି ପ୍ରତିଯୋଗିତାରେ ଫାଇନାଲ୍‌ରେ ପହଞ୍ଚିଲା ପାକିସ୍ତାନ ।

– ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ।

# ପ୍ରେଜ୍ - ଜିଓ ସାଇନ୍ସ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ୨୦୨୪ ବର୍ଷ ନିମନ୍ତେ ସମ୍ମାନଜନକ ଭୂ-ବିଜ୍ଞାନ ପୁରସ୍କାର ପ୍ରଦାନ କରିଛନ୍ତି । ଦେଶର ସର୍ବପୁରାତନ ଏବଂ ପ୍ରତିଷ୍ଠିତ ସମ୍ମାନ ମଧ୍ୟରୁ ଅନ୍ୟତମ ଏହି ପୁରସ୍କାର ବିଜେତାମାନଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇ କହିଛନ୍ତି ଭୂ-ବିଜ୍ଞାନ କ୍ଷେତ୍ରରେ ସେମାନଙ୍କ ପ୍ରତିବଦ୍ଧତା, ନବସୃଜନ ଏବଂ ଉତ୍କର୍ଷତାକୁ ସମ୍ମାନ ଜଣାଇବା ଲାଗି ଏହି ପୁରସ୍କାର ପ୍ରଦାନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଖଣିଜ ପଦାର୍ଥ ମାନବ ସଭ୍ୟତାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ତେବେ ଭୂ-ଖନନ କ୍ଷେତ୍ରରେ ଥିବା ନିୟମକୁ ସଠିକ୍ ଭାବରେ ପାଳନ କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ।

**V/O (Prez Award)**

# ପିଏମ୍-ବିହାର ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଆଭାସୀ ଜରିଆରେ ବିହାରରେ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାର ଶୁଭାରମ୍ଭ କରିଛନ୍ତି । ଶ୍ରୀ ମୋଦୀ ଏହି ଯୋଜନାରେ ବିହାରର ୭୫ଲକ୍ଷ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ହଜାର ଟଙ୍କା ଲେଖାଏଁ ଡିବିଟି ମାଧ୍ୟମରେ ପଠାଇଛନ୍ତି । ବିହାରର ମହିଳାମାନଙ୍କୁ ଆତ୍ମନିର୍ଭର କରି ଜୀବିକା ନିର୍ବାହର ସୁଯୋଗ ମାଧ୍ୟମରେ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିରେ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ସହ ମହିଳା

ହିତାଧିକାରୀମାନଙ୍କୁ ସାମିଲ କରି ସେମାନଙ୍କୁ ଆର୍ଥିକ ସହାୟତା ଓ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

**V/O (PM on Mukhyamantri)**

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେତେବେଳେ ଜଣେ ମହିଳା ନିଯୁକ୍ତି ପାଆନ୍ତି କିମ୍ବା ନିଜର ବ୍ୟବସାୟ ଆରମ୍ଭ କରନ୍ତି ସେତେବେଳେ ତାଙ୍କ ସ୍ୱପ୍ନ ବାସ୍ତବତା ରୂପ ନେଇଥାଏ । ସେ କହିଛନ୍ତି କେନ୍ଦ୍ର ସରକାରଙ୍କ ମୁଦ୍ରା ଯୋଜନା, ଡ୍ରୋନ୍ ଦିଦି ଅଭିଯାନ, ବୀମା ସଖୀ ଅଭିଯାନ ଏବଂ ବ୍ୟାଙ୍କ ଦିଦି ଅଭିଯାନ ସାରା ଦେଶରେ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ।

**V/O (PM Jandhan Yojana)**

# ପିଏମ୍-ନବରାତ୍ରୀ

ନବରାତ୍ରୀ ପର୍ବର ଆଜି ପଞ୍ଚମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଦେଶବାସୀଙ୍କ ସୁଖ, ସମୃଦ୍ଧି କାମନା କରିବା ସହ ସମସ୍ତଙ୍କ ଜୀବନରେ ନୂତନ ଶକ୍ତି ଏବଂ ଉତ୍ସାହ ଭରିଯାଉ ବୋଲି ଆଶାବ୍ୟକ୍ତ କରିଛନ୍ତି ।

# ପିଏମ୍-ମନମୋହନ ସିଂହ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଦୀର୍ଘବର୍ଷ ଧରି

ସାର୍ବଜନୀନ ଜୀବନରେ ରାଷ୍ଟ୍ର ନିର୍ମାଣରେ ଡକ୍ଟର ମନମୋହନ ସିଂହଙ୍କ ଅବଦାନକୁ ଦେଶ ସ୍ମରଣ କରୁଛି ।

# ରାଜନାଥ-ମିଗ୍ ୨୧

ଦୀର୍ଘ ୬ ଦଶନ୍ଧି ଧରି ଦେଶର ସେବାରେ ନିୟୋଜିତ ମିଗ୍-୨୧ ବିମାନକୁ ଆଜି ଭାରତୀୟ ବାୟୁସେନା ଚଣ୍ଡିଗଡରେ ବିଦାୟ ଦେଇଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏବଂ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ବିଦାୟକାଳୀନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବାୟୁସେନା ମୁଖ୍ୟ ମାର୍ଶାଲ ଏ.ପି.ସିଂହ 'ବାଦଲ-୩' କଲ୍ ସାଇନ୍ ସହିତ ମିଗ୍-୨୧ ଶେଷ ଉଡାଣ କରିଥିଲା । ଚୀନ୍-ଭାରତ ଯୁଦ୍ଧ ପରେ ୧୯୬୩ ମସିହାରେ ଭାରତୀୟ ବାୟୁସେନାରେ ସୁପର ସୋନିକ୍ ଲଢୁଆ ବିମାନ ଭାବେ ମିଗ୍-୨୧କୁ ସାମିଲ କରାଯାଇଥିଲା । ୧୯୬୫ ଏବଂ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ମିଗ୍-୨୧ ବିମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହି ବିମାନ ସହାୟତାରେ ଭାରତୀୟ ବାୟୁସେନା' ପାକିସ୍ତାନ ବାୟୁସେନାର ପ୍ରବଳ କ୍ଷତି କରିଥିଲା । ବିଦାୟକାଳୀନ ସମାରୋହରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି...

**V/O (Rajnath Singh)**

# ଇସିଆଇ ପ୍ରୋସେସ୍

ନିର୍ବାଚନ ଆୟୋଗ ନିର୍ବାଚନରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିବା ଲାଗି ପୋଷ୍ଟାଲ ବାଲାଟ୍ ଗଣନା ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି । ପୂର୍ବରୁ ପୋଷ୍ଟାଲ ବାଲାଟ୍ ଗଣନା ଶେଷ ହେବା ପୂର୍ବରୁ

ଇଭିଏମ ଭୋଟ୍ ଗଣନା ଶେଷ ହେଉଥିଲା । ତେଣୁକରି ଦ୍ୱନ୍ଦ୍ୱ ଉପୁଜୁଥିଲା । ଏବେ ନିର୍ବାଚନ କମିଶନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁଯାଇ ପ୍ରଥମେ ପୋଷ୍ଟାଲ ବାଲାଟ୍ ଗଣନା ଶେଷ ହେବା ପରେ ଇଭିଏମ୍ ଓ ଭିଭିପାଟ୍ ଗଣନା କରାଯିବ । ଉଭୟ ଇଭିଏମ୍ ଏବଂ ପୋଷ୍ଟାଲ ବାଲାଟ୍ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ଲାଗି କମିଶନ ଏହି ନିଷ୍ପତ୍ତି ନେଇଛନ୍ତି । କମିଶନ କହିଛନ୍ତି ସାମ୍ପ୍ରତିକ ନିର୍ବାଚନରେ ପୋଷ୍ଟାଲ ବାଲାଟ୍ ସଂଖ୍ୟା ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ପୋଷ୍ଟାଲ ବାଲାଟ୍ ସଂଖ୍ୟା ଯେଉଁଠାରେ ଅଧିକ ଥିବ ସେଠାରେ ଅତିରିକ୍ତ ଗଣନା ଟେବୁଲ କରିବା ଏବଂ ଅଧିକ କର୍ମଚାରୀ ଯୋଗାଇ ଦେବାଲାଗି ନିର୍ଦ୍ଦେଶ ଦିଆଯାଇଛି ।

## ସେବାପର୍ବ-ଇଣ୍ଟରନେଟ୍

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ଇଣ୍ଟରନେଟ୍ ବିପ୍ଲବ ମାଧ୍ୟମରେ ଦେଶରେ ସଂଯୋଗ ବ୍ୟବସ୍ଥାରେ ପରିବର୍ତ୍ତନ କରିଛନ୍ତି, ଯାହାଫଳରେ ଭାରତର ପ୍ରତ୍ୟେକଟି ଗ୍ରାମ, ସହର ଏବଂ ଲୋକମାନେ ଯୋଡ଼ି ହୋଇ ପାରିଛନ୍ତି ।

ବ୍ରଡବ୍ୟାଣ୍ଡ ଏବଂ ପରବର୍ତ୍ତୀ ପୀଢ଼ିର ମୋବାଇଲ ନେଟୱାର୍କର ଗତି ଦ୍ୱାରା ସମଗ୍ର ଭାରତରେ ଏକ ନୀରବ ପରିବର୍ତ୍ତନ ଘଟୁଛି । ଏହାର ମୂଳରେ ରହିଛି 'ଭାରତ ନେଟ୍ ଯୋଜନା' । ଏହି ଯୋଜନାରେ ଦେଶର

୨ଲକ୍ଷ ୧୮ହଜାର ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ୍ ଯୋଗାଇ ଦିଆଯାଇଛି । ସୂଚନା ଅନୁଯାୟୀ ପ୍ରାୟ ୭ଲକ୍ଷ କିଲୋମିଟର ଅପ୍ଟିକାଲ ଫାଇବର କେବୁଲ ମାଧ୍ୟମରେ ଇ-ପ୍ରଶାସନ, ଶିକ୍ଷା ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ ସୁଲଭ ମୂଲ୍ୟରେ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରାଯାଇଛି । ୫ବର୍ଷ ପୂର୍ବେ ବିହାରରେ ଅପ୍ଟିକାଲ ଫାଇବର, ଇଣ୍ଟରନେଟ୍ ସେବା ପ୍ରକଳ୍ପ ଆରମ୍ଭ କରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ଭାରତର ଗ୍ରାମାଞ୍ଚଳକୁ ଇଣ୍ଟରନେଟ୍‌ରେ ସଂଯୋଗ କରିବା ଆଜି ବାସ୍ତବତାରେ ପରିଣତ ହୋଇଛି ।

**V/O-PM Internet**

ବର୍ତ୍ତମାନ ଦେଶରେ ୫ଜି ପରେ ୬ଜି ସେବା ପ୍ରଦାନ ଉପରେ କାର୍ଯ୍ୟ ଜାରି ରହିଛି । ଫଳରେ ଦେଶର ପ୍ରତ୍ୟେକ ଘରେ ଇଣ୍ଟରନେଟ୍ ସେବା ଯୋଗାଇବା କ୍ଷେତ୍ରରେ ମୋଦୀ ସରକାର ସଫଳତାର ଶୀର୍ଷରେ ରହିଛନ୍ତି ।

**Seba Parba Closing**

# ଆସାମ-ବିଟିସି

ଆସାମରେ କଡ଼ା ସୁରକ୍ଷା ମଧ୍ୟରେ ବୋଡୋଲ୍ୟାଣ୍ଡ୍ ଆଞ୍ଚଳିକ ପରିଷଦ ପାଇଁ ଭୋଟ୍‌ଗଣତି ଚାଲିଛି । ପ୍ରାରମ୍ଭିକ ଟ୍ରେଣ୍ଡ୍ ଅନୁଯାୟୀ ବୋଡୋଲ୍ୟାଣ୍ଡ୍ ପିପୁଲ୍ସ ଫ୍ରଣ୍ଟ ଆଗରେ ରହିଛି । ବୋଡୋଲ୍ୟାଣ୍ଡ ଆଞ୍ଚଳିକ ଅଧୀନରେ କୋକ୍ରାଝର, ବକ୍ସା, ଚିରାଙ୍ଗ, ଉଦଲଗୁଡି ଏବଂ ତାମୁଲପୁର ଜିଲ୍ଲା ରହିଛି । ଯେଉଁଥିରେ ୪୦ଜଣ ସଦସ୍ୟ ଅଛନ୍ତି । ଚଳିତମାସ ୨୨

ତାରିଖରେ ବୋଡୋଲ୍ୟାଣ୍ଡ ଆଞ୍ଚଳିକ ପରିଷଦ ପାଇଁ ନିର୍ବାଚନ ହୋଇଥିଲା ଏବଂ ସେଥିରେ ପ୍ରାୟ ୭୭ ଦଶମିକ ୯ ପ୍ରତିଶତ ଭୋଟର ମତଦାନ କରିଥିଲେ ।

# ଆଇଏନ୍‌ଡି-ଇୟୁ ଟ୍ରେଡ୍ ଏଗ୍ରିମେଣ୍ଟ

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଶୀଘ୍ର ଚୂଡାନ୍ତ କରିବା ପାଇଁ ତାଙ୍କ ଦେଶ ସମର୍ଥନ କରୁଛି ବୋଲି ଇଟାଲୀର ଉପ ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ ତାଜାନି କହିଛନ୍ତି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏବଂ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲଙ୍କ ସହ ସାକ୍ଷାତ୍ ଆଲୋଚନା ପରେ ସେ କହିଛନ୍ତି ଯେ ଇଟାଲୀ ଓ ଭାରତ ଏକ ରଣନୈତିକ ସହଭାଗିତା ଅଂଶୀଦାର ଅଟନ୍ତି । ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି ସେମାନେ ଇଟାଲୀ ସହ ଭୂମଧ୍ୟସାଗର, ମଧ୍ୟପ୍ରାଚ୍ୟ, ୟୁକ୍ରେନ୍ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି ।

# ଏସିଆକପ୍ କ୍ରିକେଟ୍

ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ସୁପର୍ ଫୋର୍ ପର୍ଯ୍ୟାୟରେ ଆଜି ଦୁବାଇଠାରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଅନୁଷ୍ଠିତ ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ପାକିସ୍ତାନ ୧୧ ରନ୍‌ରେ ବାଂଲାଦେଶକୁ ପରାସ୍ତ କରି  ଫାଇନାଲ୍‌ରେ ପ୍ରବେଶ କରିଛି । ଆସନ୍ତା ରବିବାର ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତ ଓ

ପାକିସ୍ତାନ ମୁହାଁମୁହିଁ ହେବେ । ଏସିଆ କପ୍‌ରେ ପ୍ରଥମଥର ଲାଗି ଭାରତ-ପାକିସ୍ତାନ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲିର ଖେଳରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଓ୍ୱିକେଟ୍ ବିନିମୟରେ ୧୩୫ରନ୍‌ର ସ୍କୋର କରିଥିଲା । ଏହାର ଜବାବରେ ବାଂଲାଦେଶ ୨୦ ଓଭରରେ ୯ ଓ୍ୱିକେଟ୍ ହରାଇ ୧୨୪ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।